୧୯ ଜୁନ୍ ୨୦୧୧

# ନବୀନଙ୍କୁ କେତୋଟି ସରଳ ପ୍ରଶ୍ନ

ଗତ କିଛିମାସ ଧରି ନବୀନବାବୁଙ୍କ ସରକାର ବାଟବଣା ହେଲା ପରି ମନେ ହେଉଛି । କୌଣସି ପ୍ରସଙ୍ଗରେ ସରକାରଙ୍କର ଆଭିମୁଖ୍ୟ ଆଦୌ ସ୍ପଷ୍ଟ ହେଉ ନାହିଁ । ଆଧୁନିକ ଗଣତନ୍ତ୍ରରେ ସ୍ୱାଭାବିକ ଭାବରେ ଅନେକ ଗୁଡ଼ିଏ କାରଣ ପାଇଁ ସରକାର ଅଡୁଆରେ ପଡ଼ିଥାନ୍ତି । ଏଭଳି ଅଡୁଆ ପରିସ୍ଥିତିର ମୁକାବିଲା କରିବା ପାଇଁ ସ୍ପଷ୍ଟ ଆଭିମୁଖ୍ୟ ଓ ଦୃଢ଼ ନିଷ୍ପତ୍ତିର ଅପେକ୍ଷା ରଖାଯାଏ । ମହାଦୁର୍ନୀତି, ହତ୍ୟା ଅପରାଧ ଓ ଅକ୍ଷମଣୀୟ ଅବହେଳା ପରି ପ୍ରସଙ୍ଗ ଗୁଡ଼ିକରେ ଆଭିମୁଖ୍ୟ ସ୍ପଷ୍ଟ ନହେଲେ ସରକାର ଯେ ବିଶ୍ୱସନୀୟତା ହରାଇବେ ଏଥିରେ ସନ୍ଦେହ ନାହିଁ ।

ଅନେକ ଗୁଡ଼ିଏ ସ୍ପର୍ଶକାତର ପ୍ରସଙ୍ଗରେ ନବୀନ ସରକାର ଗୋଟିଏ ସରଳ କୌଶଳ ଅବଲମ୍ବନ କରୁଛନ୍ତି । ପ୍ରଥମେ କିଛିଦିନ ନିରବ ରହି ଯାଉଛନ୍ତି । ପରେ ଏହାକୁ ଅସ୍ୱୀକାର କରୁଛନ୍ତି । ଓଡ଼ିଆରେ ଏହାକୁ ଗାଲୁ ପେଲୁଛନ୍ତି ବୋଲି କୁହାଯାଏ । ପରବର୍ତ୍ତୀ ସମୟରେ ଏଥିରେ ଯଦି ଅଡୁଆଟି ତୁଟେ ନାହିଁ, ସେ ସମ୍ପର୍କରେ 'ଦେଖିବା', 'ବୁଝିବା' ବୋଲି କହି ସମୟ ଗଡ଼ାଇବାକୁ ଚାହାନ୍ତି - ଏଇ ଆଶାରେ ଯେ 'ଟାଇମ୍ ଇଜ୍ ଦ ବେଷ୍ଟ ହିଲର୍' ନ୍ୟାୟରେ ପ୍ରସଙ୍ଗ ପାଣିଚିଆ ହୋଇଯିବ । ବିରୋଧୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିବ । ଆମ ବିଚାରରେ ନବୀନବାବୁଙ୍କର ଏ କୌଶଳ ଆଉ କାମ ଦେବ ନାହିଁ । ମାତ୍ର ଦୁଇଟି ଉଦାହରଣ ଦେଲେ ଆମର ଆଶଙ୍କା ଯେ ଅମୂଳକ ନୁହେଁ, ତାହା ପ୍ରମାଣିତ ହୋଇଯିବ ।

ହିନ୍ଦୋଳ ବ୍ଲକ୍ ଅଧ୍ୟକ୍ଷଙ୍କର ଟ୍ରକ୍ ଚାପାରେ ଅସ୍ୱାଭାବିକ ମୃତ୍ୟୁ ଘଟିଲା । ଏଥିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଖୋଲାଖୋଲି ଅଭିଯୋଗ ହେଲା । ନବୀନବାବୁଙ୍କ ପୁଲିସ୍ ମନ୍ତ୍ରୀଙ୍କୁ ଖସାଇ ଦେବା ପାଇଁ ଆଇନ୍‌କୁ ତାଙ୍କ ବାଟରେ ନେଲେ । ମୁଖ୍ୟ ଅଭିଯୁକ୍ତକୁ ଫେରାର ହୋଇଯିବା ପାଇଁ ସୁଯୋଗ ଦେଲେ- ଏଇଥିପାଇଁ ଯେ ୧୨୦ ଦିନରୁ ଅଧିକ ସମୟ ଫେରାର ହୋଇ ରହିଲେ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ମାମଲାଟି ଦୁର୍ବଳ ହୋଇଯିବ । ଅନ୍ୟ କାହାର ହତ୍ୟାକାଣ୍ଡ ଘଟିଥିଲେ ପୁଲିସ୍ କ'ଣ ଏହିପରି ଆଭିମୁଖ୍ୟ ରଖିଥାନ୍ତା ? ବମ୍ବେ ସହରରେ ସାମ୍ବାଦିକ ଦେ'ଙ୍କର ଦିନ ଦି'ପହରେ ହତ୍ୟାକୁ ନେଇ ମହାରାଷ୍ଟ୍ର ଉଠୁଛି, ପଡୁଛି । ମୁଖ୍ୟମନ୍ତ୍ରୀ ସମାଲୋଚନାର ଶିକାର ହେଉଛନ୍ତି । ଏଠି କିନ୍ତୁ ମନ୍ତ୍ରୀଙ୍କ ପାଖ ଲୋକ ବିଚ୍ ରାସ୍ତାରେ ବିରୋଧୀ ଅଧ୍ୟକ୍ଷଙ୍କୁ ଗାଡ଼ି ଚଢ଼ାଇ ମାରି ଦେଉଛନ୍ତି । ଅଥଚ କାଉଟିଏ କା' କରୁନାହିଁ ।

ଗତ ରାଜ୍ୟସଭା ନିର୍ବାଚନର ଘୋଡ଼ାବେପାର ପ୍ରସଙ୍ଗ ମଧ୍ୟ ଠିକ୍ ସେହିପରି । 'ରାଣୀ ପାଡ଼ିଛନ୍ତି, କେହି ହସିବେ ନାହିଁ' ପରି ଆମ ଶାସନ ଚାଲିଛି । ଜନୈକ କଂଗ୍ରେସ ବିଧାୟକଙ୍କୁ ଭୋଟ୍ ଦାନରୁ ବିରତ ରହିବା ପାଇଁ ଯୋଜନାବଦ୍ଧ ଭାବରେ ଅପହରଣ କରାଗଲା । ଅପହରଣରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କ ସହିତ ପଇସା ଦିଆନିଆ ନେଇ ଚୁକ୍ତି ହେଲା । ଅପହରଣକାରୀମାନେ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରିବା ପରେ ତାଙ୍କ ପାଉଣା ନେଇ ବିବାଦ ହେଲା । ସମୁଦାୟ ବିବାଦଟି ଟେଲିଫୋନ୍ ମାଧ୍ୟମରେ କଥା କଟାକଟି ହୋଇ ପଦାକୁ ଆସିଲା । ମନ୍ତ୍ରିମଣ୍ଡଳର ଦୁଇ ସଦସ୍ୟଙ୍କର ସମ୍ପୃକ୍ତି ମଧ୍ୟ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା । ପ୍ରଥମେ ସମ୍ପୃକ୍ତ ମନ୍ତ୍ରୀ ଲୁଚିଲେ । ମୁଖ୍ୟମନ୍ତ୍ରୀ ବି ଚିରାଚରିତ ଢଙ୍ଗରେ ନିରବ ରହିଲେ । ପରେ ଚାପ ବଢ଼ିବାରୁ 'ଦେଖୁଛି' 'ବୁଝୁଛି' ବୋଲି କହିଲେ । ପୁଣି ଗତକାଲି ସମୁଦାୟ ବ୍ୟାପାରକୁ ଅନୁଧ୍ୟାନ କରିବା ପାଇଁ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସବୁବେଳେ 'ଆଇନ ତା' ବାଟରେ ଯିବ' ବୋଲି କହୁଥିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆମର ଗୋଟିଏ ସରଳ ପ୍ରଶ୍ନ- ଆଇନର ଏଇଟା କେଉଁ ବାଟ? ଅପହରଣ ଓ ଘୋଡ଼ା ବେପାର ପରି ଅପରାଧ ସମ୍ପର୍କରେ ଆମ ଆଇନ କ'ଣ କହୁଛି? ଆମେ ଯେତିକି ଜାଣୁ, ଯେ କୌଣସି ଅପରାଧ ଘଟିଲେ ବା ଅଭିଯୋଗ ଆସିଲେ ତାର ଅନୁସନ୍ଧାନ ସାଧାରଣତଃ ପୁଲିସ୍, କ୍ରାଇମ୍ ବ୍ରାଞ୍ଚ, ଭିଜିଲାନ୍ସ କିମ୍ବା କେନ୍ଦ୍ରର ସିବିଆଇ ଦ୍ୱାରା କରାଯାଇଥାଏ । କୌଣସି ଅପରାଧ ମାମଲାର ଅନୁସନ୍ଧାନ କରିବାର ଆଇନଗତ ଅଧିକାର ଗୃହ ସଚିବଙ୍କର ନାହିଁ । ନବୀନବାବୁ ଯଦି ତାଙ୍କ ଗେହ୍ଲା ସଚିବଙ୍କୁ ଏଥିରେ ନିୟୋଜିତ କରିବାକୁ ଅଧିକ ଆଗ୍ରହୀ, ସେଥିପାଇଁ ମଧ୍ୟ ଆଇନରେ ବାଟ ଅଛି । ଏ ବ୍ୟାପାରରେ ଏକ ତଦନ୍ତ କମିସନ ବସାଇ ଗୃହ ସଚିବଙ୍କୁ ତାର ମୁଖ୍ୟ କରିପାରିବେ । ତେବେ ଗୃହ ସଚିବଙ୍କ ଅନୁସନ୍ଧାନର ଆବଶ୍ୟକତା ପଡୁଛି କାହିଁକି? କଥିତ ବାର୍ତ୍ତାଳାପରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କର କଣ୍ଠସ୍ୱର କ'ଣ ମୁଖ୍ୟମନ୍ତ୍ରୀ ଜାଣନ୍ତି ନାହିଁ? ଯଦି ତାଙ୍କର କଣ୍ଠସ୍ୱରକୁ ଜାଲିଆତି କରାଯାଇଛି ବୋଲି କୁହାଯାଇ ମୁହଁଫୁଟାଣି ମରାଯାଉଛି, ତେବେ ଏ ପ୍ରକାର ଜାଲିଆତି କରିଥିବା ଅନୁଷ୍ଠାନ ମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ କାହିଁକି? ମୁଖ୍ୟମନ୍ତ୍ରୀ ତାଙ୍କର ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ପୁଷ୍ପେନ୍ଦ୍ର ଓ ଅତନୁବାବୁଙ୍କୁ ଡାକି ପଚାରି ବୁଝିଲେ କଥାଟି ସ୍ପଷ୍ଟ ହୋଇଯାନ୍ତା । ଗୃହ ସଚିବଙ୍କୁ ଅଯଥାରେ ଅଡୁଆରେ ପକାଇ ତାଙ୍କର ମୂଲ୍ୟବାନ ସମୟକୁ ନଷ୍ଟ କରିବାର ଆବଶ୍ୟକତା ପଡ଼ନ୍ତା ନାହିଁ । ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତି ଯାହା, ଗୃହ ସଚିବଙ୍କର ଅନେକ ଜରୁରି କାମ ଅଛି । ତାଙ୍କ ସମୟକୁ ଅଯଥା ଏପରି ନଷ୍ଟ କରାଯାଉଛି କାହିଁକି? ଗୃହ ସଚିବ ଯଦି ଅନୁସନ୍ଧାନ କରି ଜାଣିବେ ଯେ ବ୍ୟାପାରଟି ସତ୍ୟ, ତା'ହେଲେ ସେ କ'ଣ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ରିପୋର୍ଟ ଦେବେ?